# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୫୦ (ଓଡ଼ିଆ ବୁଲେଟିନ) ସପ୍ତାହ - ୨୫ ତାରିଖ: ୨୪.୦୬.୨୦୨୫

## ଜିଲ୍ଲା – ସୋନପୁର

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୮.୦୬.୨୦୨୫ ରୁ ୨୪.୦୬.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ସୋନପୁର | 31 | 28 | 28 | 31 | 33 | 33 | 29 | 25 | 24 | 25 | 25 | 27 | 26 | 26 | 13.1 | 26.1 | 7.6 | 2.6 | 5.7 | 0.0 | 9.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୫-୦୬-୨୦୨୫ | ୨୬-୦୬-୨୦୨୫ | ୨୭-୦୬-୨୦୨୫ | ୨୮-୦୬-୨୦୨୫ | ୨୯-୦୬-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 15 | 8 | 7 | 7 | 6 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 31 | 31 | 31 | 32 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 26 | 26 | 25 | 25 | 26 |
| ମେଘ ଆବରଣ (ଓକଟା) | 6 | 5 | 5 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 83 | 84 | 85 | 86 | 85 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 64 | 61 | 57 | 59 | 60 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 13 | 10 | 7 | 7 | 9 |
| ପବନର ଦିଗ (ଡିଗ୍ରୀ) | 233 | 236 | 217 | 229 | 220 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ସହିତ ଗୋଟେ କିମ୍ବା ଦୁଇଟା ସ୍ଥାନରେ ଝଡ଼ପବନ କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ଦେଖାଯାଇପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଗାମୀ ପାଞ୍ଚ ଦିନ ମଧ୍ୟରେ ଆର୍ଦ୍ରତାରେ ବୃଦ୍ଧି ସହିତ ୭ ରୁ ୧୩ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗର ବିସ୍ତାରିତ ପୂର୍ବାନୁମାନ (ପରବର୍ତ୍ତୀ ସପ୍ତାହର ୬ ରୁ ୧୨ ଦିନ ପାଇଁ ପାଣିପାଗ ପୂର୍ବାନୁମାନ) ଅନୁଯାୟୀ, ୨୯.୦୬.୨୦୨୫ ରୁ ୦୫.୦୭.୨୦୨୫ ମଧ୍ୟରେ ଓଡ଼ିଶା ରାଜ୍ୟରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିବା ସହିତ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକ ରହିପାରେ । ଆସନ୍ତା ଦିନରେ ଗୋଟେ କିମ୍ବା ଦୁଇଟା ସ୍ଥାନରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଅଛି ତେଣୁ ପାଣିପାଗର ଏହି ସ୍ଥିତିକୁ ଧ୍ୟାନରେ ରଖି ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ସେହି ଅନୁସାରେ କୃଷି କାର୍ଯ୍ୟ କରନ୍ତୁ ଏବଂ ଧାନର ନର୍ସରୀ ବୁଣା ପାଇଁ କ୍ଷେତ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

- ପାଣିପାଗର ପ୍ରଚଳିତ ସ୍ଥିତି (ମେଘୁଆ ପାଗ ସହିତ ଅଧିକ ଆର୍ଦ୍ରତା) ଫଳ ଓ ପନିପରିବା ଫସଲରେ ମୂଳ ପଚା, ଝାଉଳା , ଫଳ ପଚା, କାଣ୍ଡ ପଚା ଇତ୍ୟାଦି ବିଭିନ୍ନ ରୋଗର ସମ୍ଭାବନା ବୃଦ୍ଧି କରିପାରେ । ତେଣୁ ଚାଷୀମାନଙ୍କୁ ଏହି ରୋଗଗୁଡ଼ିକର ଆକ୍ରମଣ ପ୍ରତି ନିଜ ଫସଲର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।

## ସଂକ୍ଷିପ୍ତ ଉପଦେଶ

- ପ୍ରଚଳିତ ପାଣିପାଗରେ ବିଭିନ୍ନ ଫସଲରେ ରୋଗ ଲାଗିବାର ସମ୍ଭାବନା ବଢ଼ିପାରେ ତେଣୁ ଚାଷୀଭାଇମାନଙ୍କୁ ଏହା ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ଜମି ପ୍ରସ୍ତୁତି / ନର୍ସରୀ ପ୍ରସ୍ତୁତି | • ବିଗତ ଦିନରେ ହୋଇଥିବା ବର୍ଷାର ସ୍ଥିତିକୁ ବିଚାରକୁ ନେଇ, ଚାଷୀମାନଙ୍କୁ ଖରିଫ ଧାନ ଫସଲର ନର୍ସରୀ ବୁଣା ପାଇଁ ଜମି ପ୍ରସ୍ତୁତି ଆରମ୍ଭ କରିଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ଓଦା ତଳି ଘେରା ପାଇଁ, ପୂର୍ବ-ଅଙ୍କୁରିତ ବିହନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ କାଦୁଅ ହୋଇଥିବା ସମତଳ ମାଟିରେ ଛାଟି ଦିଆଯାଏ । ପାଣିକୁ ସଠିକ୍ ଭାବରେ ନିଷ୍କାସନ କରିବା ପାଇଁ ଡ୍ରେନେଜ୍ କେନାଲ ନିର୍ମାଣ କରାଯିବା ଆବଶ୍ୟକ ।<br>• ମୋଟ ତଳି ଘେରା କ୍ଷେତ୍ରଫଳ ପ୍ରତିରୋପଣ କରିବାକୁ ଥିବା କ୍ଷେତ୍ରଫଳର ପ୍ରାୟ ୧/୧୦ ଏବଂ ୧ ହେକ୍ଟର ପ୍ରତିରୋପଣ ପାଇଁ ପ୍ରାୟ ୪୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ । |
| ମକା | ବୁଣିବା ଅବସ୍ଥା | • ଚାଷୀମାନେ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ କରିବା ପରେ ମକା ବିହନ ବୁଣିବା ଆରମ୍ଭ କରିବା ଉଚିତ । ଯଦି ଆବଶ୍ୟକ ପଡ଼େ, ଯେଉଁଠି ଅଧିକ ବର୍ଷା ଯୋଗୁଁ ବିହନ ଧୋଇ ହୋଇଯାଇଛି କିମ୍ବା ଅଂକୁରଣ ହୋଇ ନାହିଁ ସେଠି ପୁଣିଥରେ ବିହନ ବୁଣନ୍ତୁ । |
| ହରଡ଼ | କିସମ ଚୟନ / ବୁଣିବା ଅବସ୍ଥା | • ହରଡ଼ ଫସଲ ପାଇଁ କିଛିଟା ଉନ୍ନତ କିସମ ଯେପରିକି ଦୁର୍ଗା, ଆଇ.ସି.ପି.ଏଲ-୮୭, ଉପାସ-୧୨୦, ପୁସା-୮୫୫ ଇତ୍ୟାଦି (୧୨୦ ରୁ ୧୪୦ ଦିନବିଶିଷ୍ଟ) ଏବଂ ଆଶା, ଲକ୍ଷ୍ମୀ, ଜି.ଟି ୧୦୪ ଇତ୍ୟାଦି (୧୬୦ ରୁ ୧୮୦ ଦିନିଆ କିସମ) ଚାଷୀମାନେ ବ୍ୟବହାର କରିପାରିବେ।<br>• ହରଡ଼ରେ ମାଟି ଏବଂ ବିହନ ବାହିତ ରୋଗ ନିୟନ୍ତ୍ରଣ ପାଇଁ, ଫସଲ ବୁଣିବା ପୂର୍ବରୁ ଯେକୌଣସି ଉପଯୁକ୍ତ କବକନାଶକ ସହିତ ବିହନ ବିଶୋଧନ କରିବା ଉଚିତ ଏବଂ ରାଇଜୋବିୟମ୍ କଲଚର @ ୨୦ ଗ୍ରାମ ପ୍ରତି କିଲୋଗ୍ରାମ ବିହନ ସହିତ ଏବଂ ତା'ପରେ ଟ୍ରାଇକୋଡର୍ମା ଭିରିଡେ ୫ ରୁ ୭ ଗ୍ରାମ / କିଲୋଗ୍ରାମ ବିହନ ସହିତ ବୁଣିବାର କିଛି ଘଣ୍ଟା ପୂର୍ବରୁ ବିଶୋଧନ କରିଯିବା ଉଚିତ। |
| ଫଳ ଓ ପନିପରିବା ଚାଷ | ନର୍ସରୀ ବୁଣା / ଚାରା / ରୋପଣ | • ଫଳ ଏବଂ ପନିପରିବା ଫସଲରେ ଅତିରିକ୍ତ ଜଳର ନିଷ୍କାସନ ପରେ ବିହନ ବୁଣା ଏବଂ ଚାରା ରୋପଣ କାର୍ଯ୍ୟ କରାଯିବା ଉଚିତ ଏବଂ ନର୍ସରୀ ବେଡ (ତଳି ଘେରା) ରେ ପର୍ଯ୍ୟାପ୍ତ ଜଳ ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।<br>• ପ୍ରଚଳିତ ପାଗ ଯୋଗୁଁ ବିଭିନ୍ନ ପ୍ରକାର ରୋଗର ସଂକ୍ରମଣ ବଢିବାର ଦେଖାଯାଇପାରେ ତେଣୁ ଏହା ପ୍ରତି ନଜର ରଖିବା ପାଇଁ ପରାମର୍ଶ ଦିଆଯାଇଅଛି । |
| ଗୋରୁ ଗାଈ ଓ ମଇଷି | • ପୂର୍ବ ଦିନଗୁଡିକରେ ହୋଇଥିବା ଭାରି ବର୍ଷା ଯୋଗୁଁ ଅନେକ ପ୍ରକାରର ସଂକ୍ରାମକ ପଶୁ ରୋଗ ଯେପରିକି ସାହାଣ, ବଜବଜିଆ, ଫାଟୁଆ ଆଦି ରୋଗମାନଙ୍କର ସଂକ୍ରମଣ ଏବଂ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ ସଂଖ୍ୟା ବୃଦ୍ଧି ପାଇପାରେ, ତେଣୁ ଏହା ପ୍ରତି ସତର୍କ ରୁହନ୍ତୁ ଏବଂ ଯଥାଶୀଘ୍ର ଏହି ରୋଗମାନଙ୍କ ପାଇଁ ଟୀକାକରଣର ବ୍ୟବସ୍ଥା କରନ୍ତୁ ଓ ଆବଶ୍ୟକ ସ୍ଥଳେ କୃମିନାଶକ ଔଷଧର ସେବନ ନିଶ୍ଚୟ କରାନ୍ତୁ ।<br>• ବଜ୍ରପାତ / ବିଜୁଳି ସମୟରେ ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣରୁ ଦୂରରେ ରଖନ୍ତୁ ଏବଂ ବାହାରେ ଖୋଲାରେ ବାନ୍ଧନ୍ତୁ ନାହିଁ । | |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର ।<br>• କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ ଯେପରିକି କୁକୁଡ଼ା ସେଡର ଉପର ପାର୍ଶ୍ୱରେ ୧ ରୁ ୨ ଫୁଟ୍ ଖୋଲା ରଖନ୍ତୁ ଏବଂ ସେଡର ପାର୍ଶ୍ୱ କାନ୍ଥଗୁଡିକ ପଲିଥିନ ପରଦା ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ । କିଟମାନଙ୍କ ଆକ୍ରମଣରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଲିଗୁଡିକୁ ସ୍ବଚ୍ଛ ଓ ସୁଖା ରଖନ୍ତୁ ଏବଂ ବର୍ଷା | |

| | |
|---|---|
| | ଜଳ ସେଡ୍ ଭିତରକୁ ସିଧାସଳଖ ପ୍ରବେଶକୁ ନ କରିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ । |
| **ମତ୍ସ୍ୟଚାଷ** | • ଅଧିକ ବର୍ଷା ଯୋଗୁଁ ପୋଖରୀରେ ଅମ୍ଳିୟ ଗୁଣରେ ପରିବର୍ତ୍ତନ ଏବଂ ଅମ୍ଳଜାନ ହ୍ରାସ ହୋଇପାରେ ।<br>• ପ୍ରବଳ ବର୍ଷା ଯୋଗୁଁ ପୋଖରୀ କାନ୍ଥରେ ହୋଇଥିବା କ୍ଷତିର ଯାଞ୍ଚ କରନ୍ତୁ ଏବଂ ସେଗୁଡ଼ିକୁ ତୁରନ୍ତ ମରାମତି କରନ୍ତୁ ।<br>• କାଦୁଅ ପାଣି ପ୍ରବେଶ କରି ପାଣିର ଗୁଣବତ୍ତା ପ୍ରଭାବିତ ନକରିବା ପାଇଁ ପୋଖରୀ ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ସୁନିଶ୍ଚିତ କରନ୍ତୁ । |



| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଵୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।